ବେଆଇନ ଚାଲୁଥିବା ହଷ୍ଟେଲ୍‌ରୁ ୨୬ ପିଲା ଉଦ୍ଧାର

ଯାଜପୁର, (ପିପିଏସ):

ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକର ଚିତ୍ରୀ ଓ ସୁକିନ୍ଦା ବ୍ଲକର ଗୋବରଘାଟୀ ଠାରେ ଆଶ୍ୱୟାର ଏନଜିଓ ଦ୍ୱାରା ବିନା ପଞ୍ଜିକରଣ ପରିଚାଳିତ ହେଉଥିବା ଆବାସିକ ହଷ୍ଟେଲର ୨୬ ଜଣ ଅନ୍ତେବାସୀଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଛି। ସୂଚନା ଅନୁଯାଇ ଦୀର୍ଘ ୧୦ବର୍ଷ ଧରି ହଷ୍ଟେଲ ପଚିଚାଳନା କରୁଥିଲେ ମଧ୍ୟ ପଞ୍ଜିକରଣ ନକରିବା ଓ ଶିଶୁ ଓ କିଶୋର ଆଇନ ଉଲଂଘନ କରିବା ତଥା ଶିଶୁମାନଙ୍କୁ ଶିଶୁ ମଙ୍ଗଳ କମିଟିର ଦୃଷ୍ଟି ଆକର୍ଷଣ ନକରିବା ଘଟଣାକୁ ଶିଶୁ ଅଧିକାର କର୍ମୀ ମଣ୍ଟୁଦାସ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିଶୁମାନଙ୍କ ସର୍ବୋତ୍ତମ ମଙ୍ଗଳ ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରିବା ଅନୁରୋଧ କରିଥିଲେ। ଏହାପରେ ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଶ୍ୱୟାର ଏନଜିଓ ପକ୍ଷରୁ ୨୬ ଜଣ ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିକୁ

ଅଣାଯାଇଥିଲା । ପରେ ଶିଶୁ ମଙ୍ଗଳ କମିଟି ଶିଶୁମାନଙ୍କ ସର୍ବୋତ୍ତମ କଲ୍ୟାଣ ଗୁରୁତ୍ୱ ସହ ନେଇ ସେମାନଙ୍କୁ ଉତ୍କଳ ବାଳାଶ୍ରମରେ ଥଇଥାନ କରିଥିବାର ଜଣାପଡିଛି। ଶିକ୍ଷାନୁଷ୍ଠାନ ସାମାଜିକ ଦାୟିତ୍ୱ ଅର୍ଥରେ ପରିଚାଳିତ ଏହି ଏନଜିଓ ଦାନଗଦୀ ଓ ସୁକିନ୍ଦାର ପିଲାମାନଙ୍କ ଶିକ୍ଷାର ବିକାଶ ନିମିତ୍ତ କାମ କରୁଛି। ମାତ୍ର ଅନେକ ଗରିବ ଶ୍ରେଣୀର ଡ୍ରପଆଉଟ ପିଲାମାନଙ୍କୁ ଏହି ଆବାସିକ ହଷ୍ଟେଲରେ ରହୁଥିଲେ। ମାତ୍ର ସେମାନଙ୍କ ଶିକ୍ଷା ଓ ଉତ୍ତମ ଭବିଷ୍ୟତ ନିମିତ୍ତ ଆଦୌ ଧାନ ଦେଇନଥିଲେ। ଯାହାଫଳରେ ଅନେକ ସମୟରେ ଦାନଗଦୀ।ଓ ସୁକିନ୍ଦାରେ ଡ୍ରପଆଉଟ, ଶିଶୁ ଶ୍ରମିକ ଓ ବାଲ୍ୟବିବାହ ଦେଖିବାକୁ ମିଳୁଛି। ଅନ୍ୟ ପକ୍ଷରେ ଏହି ଏନଜିଓ ଦୀର୍ଘ ଦିନରେ ପ୍ରଶାସନ ଆଡୁଆଳରେ ହଷ୍ଟେଲ ନିର୍ମାଣ କରି ଶହଶହ ବାଳକ ବାଳିକା ରଖୁଥିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଉଛି। ତେଣୁ ଏହି ଘଟଣାପରେ ଶିଶୁ ମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା ୟୁନିଟ ଦାଇତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଥାଉକି ଶତାଧିକ ଶିଶୁ ହଷ୍ଟେଲରେ ରହୁଥିଲେ ୨୬ ଜଣଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରିଥିଲେ ମଧ୍ୟ ଅବଶିଷ୍ଟ ଶିଶୁଙ୍କୁ କାହିକି ଶିଶୁ ମଙ୍ଗଳ କମିଟିକୁ ଅଣାଗଲା ନାହିଁ ତାହା ସାଧାରଣଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି।

ନିଷ୍ଟ ବିଶ୍ୱବିଦ୍ୟାଳୟରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସଚେତନତା ଶିବିର

ବ୍ରହ୍ମପୁର(ପିପିଏସ୍): ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଉଦ୍ୟମରେ ଗୋଳନ୍ଥରାସ୍ଥିତ ନିଷ୍ଟ ବିଶ୍ୱ ବିଦ୍ୟାଳୟରେ କାର୍ଡିଓ-ପଲ୍ମୋନାରୀ ରିସୁସିଟେସନ (ସିପିଆର) ଟ୍ରେନିଂ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରରେ ଛାତ୍ରଛାତ୍ରୀ ମାନଙ୍କୁ ଜୀବନ ରକ୍ଷାକାରୀ ସିପିଆର କୌଶଳ ଉପରେ ଶିକ୍ଷିତ କରିବା, ସ୍ୱାସ୍ଥ୍ୟ ସଚେତନତା ଏବଂ ଗୋଷ୍ଠୀ ସେବାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କରାଯାଇଥିଲା। ସିପିଆର ଏକ ଜୀବନରକ୍ଷାକାରୀ କୌଶଳ, ଯାହା ହୃଦଘାତ ସମୟରେ ରକ୍ତ ସଞ୍ଚାଳନରେ ସାହାଯ୍ୟ କରି ଜୀବନ ବଞ୍ଚାଇବାରେ ସାହାଯ୍ୟ କରେ ଏବଂ ଛାତି ସଙ୍କୋଚନ ମାଧ୍ୟମରେ ହୃତ୍‌ପିଣ୍ଡକୁ ପୁନଃ ଆରମ୍ଭ କରେ ଯାହା ନିୟମିତ ହୃତ୍‌ସ୍ପନ୍ଦନ ଫେରିବା ପର୍ଯ୍ୟନ୍ତ ରକ୍ତକୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ପ୍ରବାହିତ ରଖିବାରେ ସାହାଯ୍ୟ କରେ। ହୃଦଘାତ ପରେ ପ୍ରଥମ ୪ରୁ ୫ମିନିଟ୍ ମଧ୍ୟରେ ଜୀବନ ବଞ୍ଚାଇବାରେ ସିପିଆର ପ୍ରମୁଖ ଭୂମିକା ରହିଛି ବୋଲି ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ରହିଛି। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ତରଫରୁ ଶ୍ରୀ ଏମ୍.ଗୋପାଳ ରାଓ, ଭେଙ୍କଟ ରାଓ, ଡ଼.ନିବେଦିତା ନନ୍ଦ, ଶିବ ପ୍ରସାଦ ସାହୁ, ଆଶୁତୋଷ ସାହୁ, ବିଭୁ ପ୍ରସାଦ କାମ୍ପୋ, ମାନସ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଷ୍ଟ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସିପିଆର୍ ପ୍ରଶିକ୍ଷଣକୁ ଉନ୍ନତ ଉପାୟରେ ପ୍ରଦର୍ଶନ କରିଥିଲେ। ଶେଷରେ ଏକାଡେମିକ ଡିନ ଡ଼. ପି.ରାଜେଶ କୁମାର ଶ୍ରୀ ସତ୍ୟ ସାଇ ସଭା ସଦନ ସଂଗଠନକୁ ସମ୍ମାନିତ କରିଥିଲେ। ଡ.ପ୍ରୀତି ରଂଜନ ସାହୁ, ରବି ସତ୍ୟନାରାୟଣ ମୁର୍ତ୍ତୀ, ପିତାମ୍ବର ସାହୁ, ଆଶିଷ କୁମାର ଦାସ, ମନୋଜ କୁମାର ସେନାପତି ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସାହାଯ୍ୟ କରିଥିଲେ।

ଇଡିରେ ମିଥ୍ୟା ଚାର୍ଜସିଟ୍ ବିରୋଧରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ

ବ୍ରହ୍ମପୁର(ବ୍ୟୁରୋ): ପୂର୍ବତନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ଲୋକସଭା ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ଦଳର ବରିଷ୍ଠ ନେତୃ ମଣ୍ଡଳୀଙ୍କ ବିରୋଧରେ କେନ୍ଦ୍ର ସରକାର ଯେଉଁ ଇଡିରେ ମିଥ୍ୟା ଚାର୍ଜସିଟ୍ ଦାଖଲ କରିଛନ୍ତି ତାହା ସରକାରୀ କ୍ଷମତାର ଅପବ୍ୟବହାର ହୋଇଛି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଥିବା ବିରୋଧି ଦଳର ବିଚାର ଉପରେ ସିଧାସଳଖ ଆକ୍ରମଣ ହେଉ-ଛି ବେପାରୁଆ ଓ ସ୍ୱେଚ୍ଛାଚାରୀ ହୋଇପଡିଥିବା ଶାସକ ଦଳର ଏହା ରାଜନୈତିକ ଅଭିସନ୍ଧି। ପ୍ରତିହିଂସା ପରାୟଣ ହୋଇ ଯେଉଁ ମିଥ୍ୟା ଚାର୍ଜସିଟ୍ ଦାଖଲ କରାଯାଇଛି ତାହା ବିରୋଧରେ ଭାରତ ସାରା କଂଗ୍ରେସ ନେତା ଓ କର୍ମୀଙ୍କ ସହ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନକ୍ରମେ ମୋଦୀ ସରକାରଙ୍କ ମନମାନୀ ଓ ପ୍ରତିହଂସା ଓ ଅତ୍ୟାଚାରକୁ ବିରୋଧକରି ବ୍ରହ୍ମପୁରର ଯୁବ କଂଗ୍ରେସ ପକ୍ଷରୁ ଆୟକର ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ସଭାପତି ତତ୍‌ସତ୍ ସୁବୁଦ୍ଧି, ବରିଷ୍ଠ ନେତା ମହେଶ୍ୱର ପାତ୍ର, ଅତିଶ ଦଳେଇ, ରୁଦ୍ର ଖଟୁଆ, ସରୋଜ ନାୟକ, ସମ୍ବିତ ରାଉତଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଏମ୍‌କେସିଜି ହସ୍ପିଟାଲକୁ ଅଚାନକ ପରିଦର୍ଶନ କଲେ ବିଧାୟକ

ବ୍ରହ୍ମପୁର(ବ୍ୟୁରୋ): ବ୍ରହ୍ମପୁର ଏମ୍‌କେସିଜି (ବଡ ଡାକ୍ତରଖାନା)ର କାଜୁଆଲିଟି ବିଭାଗକୁ ଅଚାନକ ପରିଦର୍ଶନ କରିଥିଲେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର। ହସ୍ପିଟାଲରେ ରୋଗୀଙ୍କ ବେଡ଼ରେ ବେଡ଼ ସିଟ ନଥିଲା, ହସ୍ପିଟାଲ ପରିସର ସଫା ନଥିଲା, କର୍ମଚାରୀ ମାନେ ଠିକ୍ ସମୟରେ ଡ୍ୟୁଟିରେ ଉପସ୍ଥିତ ରହୁନଥିବା, ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର ବ୍ୟତିକ୍ରମ ଦେଖିଥିଲେ ବିଧାୟକ। ସରକାର ରୋଗୀଙ୍କ ସକାଶେ ସଫା ବେଡ଼ ସିଟ ଯୋଗାଇ ଦେଉଥିବା ବେଳେ କର୍ମଚାରୀଙ୍କ ଖାମଖିଆଲ ହେତୁ ରୋଗୀ ମାନେ ସରକାର ଦେଉଥିବା ସୁବିଧାରୁ ବଞ୍ଚିତ ହେଉଥିବା ବିଧାୟକ ଅନୁଭବ କରିଥିଲେ। ପରିଶେଷରେ ହସ୍ପିଟାଲ କର୍ମଚାରୀଙ୍କୁ ତାଗିଦ କରି କହିଥିଲେ ଯେ ଆଗକୁ ଯେପରି ଏହି ଅସୁବିଧା ରୋଗୀ ଅନୁଭବ କରିବେ ନାହିଁ ସେଥିପ୍ରତି ଧାନ ଦେବାକୁ। ହସ୍ପିଟାଲ ଡିନ୍ ତଥା

ଅଧକ୍ଷ ସୁଚିତ୍ରା ଦାସ ଓ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ସହିତ ହସ୍ପିଟାଲର ଅବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ତୁରନ୍ତ ରୋଗୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସିଦ୍ଧାର୍ଥ ନଗର ନିବାସୀ ଯୁବ ନେତା ଶିବ ପ୍ରସାଦ ଦାସଙ୍କୁ ବିଧାୟକ ଏମ୍‌କେସିଜି ହସ୍ପିଟାଲର ପ୍ରତିନିଧି ଭାବେ ନିଯୁକ୍ତି ଦେଇଥିଲେ। ବିଧାୟକଙ୍କ ଅଚାନକ ଗସ୍ତକୁ ବିଭିନ୍ନ ସ୍ଥାନରୁ ଆସିଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଧନ୍ୟବାଦ ଜଣାଇଥିଲେ।

୯ମାସ ପରେ ପତ୍ନୀ ହତ୍ୟାକାରୀ ଗିରଫ

ବ୍ରହ୍ମପୁର(ବ୍ୟୁରୋ): ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ଫେରାର ହେବାର ୯ମାସ ପରେ ପୁଲିସ୍ ଅଭିଯୁକ୍ତ ସ୍ୱାମୀକୁ ବିଶାଖପାଟଣାରୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଜଣକ ହେଲେ ଜଗନ୍ନାଥପୁର ଓଡିଆର୍‌ପି କଲୋନୀର ଲକ୍ଷ୍ମୀକାନ୍ତ ଓରଫ୍ ଲକ୍ଷ୍ମୀ ମହାରଣା(୩୨)। ଅଭିଯୋଗ ଅନୁଯାୟୀ ଲକ୍ଷ୍ମୀ ମହାରଣା ଗତ ୨୦୨୪ ମାର୍ଚ୍ଚ ୧୧ତାରିଖରେ ଆରୁଆପଲ୍ଲୀର ସ୍ୱର୍ଗତ କାଳୁ ମହାରଣାଙ୍କ ଝିଅ ରାଣୀ ମହାରଣାକୁ ବୈଦିକ ରୀତିରେ ବିବାହ କରିବା ସହ ଦାବି ମୁତାବକ ସମସ୍ତ ଯୌତୁକ ପ୍ରଦାନ କରାଯାଇଥିଲା। ବିବାହର ୨ମାସ ପରେ ଲକ୍ଷ୍ମୀଙ୍କ ପକ୍ଷରୁ ରାଣୀଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେବା ଆରମ୍ଭ ହୋଇଥିଲା। ୨୦୨୪ ଜୁଲାଇ ୧୫ତାରିଖରେ ଲକ୍ଷ୍ମୀ ରାଣୀଙ୍କୁ ମାରଧର କରିବା ସହ ରାଣୀ ଆତ୍ମହତ୍ୟା କରିଥିବା ରାଣୀଙ୍କ ପରିବାରକୁ ଫୋନ୍ ଯୋଗେ ଖବର ଦେଇଥିଲେ। ପରେ ରାଣୀକୁ ବ୍ରହ୍ମପୁର ବଡ ମେଡିକାଲ୍ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ରାଣୀକୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ଲକ୍ଷ୍ମୀ ଉପସ୍ଥିତ ରହିଥିବା ବେଳେ ରାଣୀଙ୍କ ପରିବାର ପକ୍ଷରୁ ଲକ୍ଷ୍ମୀ ରାଣୀଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ କରିବା ସହ ମେଡିକାଲ୍ ଫାଣ୍ଡିରେ ଲକ୍ଷ୍ମୀଙ୍କୁ ଜିମା ଦେଇଥିଲେ। କିନ୍ତୁ ଲକ୍ଷ୍ମୀ ସେଠାରୁ ଖସିଯିବାକୁ ସକ୍ଷମ ହୋଇଥିଲେ। ସେବେଠାରୁ ଲକ୍ଷ୍ମୀ ଫେରାର ରହିଥିଲା। ଏହା ମଧ୍ୟରେ ଗତ ୧୫ତାରିଖରେ ଲକ୍ଷ୍ମୀ ଫୋନ୍ ଯୋଗେ ରାଣୀର ଭାଇ ରାଜେଶ କୁମାର ମହାରଣାଙ୍କୁ ତୁରନ୍ତ ତାଙ୍କ ନାମରେ ଦିଆଯାଇଥିବା ମାମଲାକୁ ପ୍ରତ୍ୟାହାର କରିବାକୁ ଧମକାଇଥିଲା। ଘଟଣା ନେଇ ରାଜେଶ ପକ୍ଷରୁ ଗୋଳନ୍ଥରା ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଏହାକୁ ନେଇ ପୁଲିସ୍ ଆଉ ଏକ ମାମଲା ରୁଜୁ କରିବା ସହ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ ଟିମ୍ ବିଶାଖପାଟଣାରେ ଚଢ଼ାଉ କରି ଅଭିଯୁକ୍ତ ଲକ୍ଷ୍ମୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଲକ୍ଷ୍ମୀଙ୍କ ନାମରେ ଗୋଳନ୍ଥରାରେ ୩ଟି ଓ ଗୋପାଳପୁର ଥାନାରେ ଗୋଟିଏ ମାମଲା ରୁଜୁ ହୋଇଛି।

୧୬ଦଫା ଦାବି ନେଇ ଧାରଣା

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ସହରରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କିତ ୧୬ଦଫା ଦାବିରେ ଚୌଦ୍ୱାର ସମାଜସେବୀ ପରିବାର ପକ୍ଷରୁ ଧାରଣା ଦିଆଯାଇଥିଲା। ସମାଜସେବୀ ପରିବାର ସଦସ୍ୟ ମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ ଧାରଣାରେ ବସି ରହି ଥିଲେ। ଚୌଦ୍ୱାର ସହରରେ ଭେଣ୍ଡିଂ ଜୋନ ନିର୍ମାଣ, ଅସହାୟମାନଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ, ସପ୍ତାହକୁ ଥରେ ପତି ୱାର୍ଡରେ ମଶାଧୁଆଁ ଫଗିଙ୍ଗ କରିବା, ରାସ୍ତା ସଫେଇ ,ନାଗରିକଙ୍କ ଅଭିଯୋଗ ଶୁଣାଣି,ନିର୍ଦ୍ଦିଷ୍ଟ ସ୍ଥାନରେ ଆମିଶ ଦୋକାନୀଙ୍କୁ ଥଇଥାନ, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, କାଞ୍ଜିଆହୁଦା ନିର୍ମାଣ, ପାନୀୟ ଜଳ ପାଇଁ ରାସ୍ତାକଡ଼ରେ ୱାଟର ଷ୍ଟାଣ୍ଡପୋଷ୍ଟ,ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୫ଶଯ୍ୟା ବିଶିଷ୍ଟ କରିବା ସହିତ ୨୪ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ଦାବି କରାଯାଇଥିଲା । ପୌରନିର୍ବାହୀ ଅଧିକାରୀ

ସୌମ୍ୟ ରଞ୍ଜନ ମିଶ୍ର ଧାରଣାକାରୀ ମାନଙ୍କୁ କାର୍ଯ୍ୟାଳୟକୁ ଡକାଇ ଦାବି ଗୁଡିକ ଉପରେ ଆଲୋଚନା କରି ଏସବୁର ଶିଘ୍ର ସମାଧାନ କରାଯିବାର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଉକ୍ତ ସମସ୍ତ ସମସ୍ୟାର ସମାଧାନ ପାଇଁ ପୂର୍ବରୁ ଧାରଣାକାରୀ ମାନଙ୍କ ତରଫରୁ ପୂର୍ବତନ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲେହେଁ ଏଦିଗରେ କୌଣସି ପଦକ୍ଷେପ ନିଆ ଯାଇ ନଥିବାରୁ ସମାଜସେବୀ ପରିବାର ପୁନର୍ବାର ଧାରଣାରେ ବସିବାକୁ ବାଧ୍ୟ ହୋଇଥିଲେ ବୋଲି ସଦସ୍ୟ ଦେବେନ୍ଦ୍ର ପୃଷ୍ଟି ପ୍ରକାଶ କରିଛନ୍ତି। ଭୀମସେନ ବିଶ୍ୱାଳ,ପ୍ରତାପ କୁମାର ଜେନା, ଶ୍ରୀକାନ୍ତ ପାକଳ, ସସ୍ମିତା ଦାସ,ମନୋଜ କୁମାର ସାହୁ,ରମେଶ ନାୟକ,ବିମଳ ପରିଡା,ପ୍ରଭାନନ୍ଦ ସାହୁ,ହରିହର ବେଉରା,ସନାତନ ବେହେରା ପ୍ରମୁଖ ଧାରଣାରେ ଅଂଶଗ୍ରହଣ କରିଥିଲେ।

ନାଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକୋତ୍ସବ

ଚୌଦ୍ୱାର,(ପିପିଏସ୍): ତେଲଗୁ ସଂପ୍ରଦାୟର ଆରାଧ୍ୟା ଦେବୀ ମା' ନାଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ ବର୍ଷ ହେବ ପାଳନ କରାଯାଉଥିବା ଏହି ପୂଜା ଅବସରରେ ଚୌଦ୍ୱାରରେ ବସବାସ କରୁଥିବା ତେଲଗୁ

ସମ୍ପ୍ରଦାୟର ମହିଳା, ପିଲା, ଯୁବକ ଓ ବରିଷ୍ଠ ନାଗରିକ ମାନେ ଓଟିଏମ କଲୋନୀରେ ଥିବା ତେଲଗୁ କ୍ଲବ ପରିସରରୁ ବାହାରି ହଳଦୀ ପାଣି ଭରା ଗରା ମୁଣ୍ଡାଇ ଶୋଭାଯାତ୍ରାକରି ଯାଇ ୧୨ ନମ୍ବର ୱାର୍ଡ଼ ବାଟବୁଡ଼ୀ କଲୋନୀରେ ଅଧିଷ୍ଠାତ୍ରୀ ଦେବୀ ବାଟବୁଡ଼ୀ ମନ୍ଦିରରେ ପହଞ୍ଚିଥିଲେ ।ସେଠାରେ ବାଟବୁଢୀ ଠାକୁରାଣୀଙ୍କୁ ସ୍ନାନ କରାଇବା ସହିତ ପୁଜାର୍ଚ୍ଚନା କରି ଘଟ ସ୍ଥାପାନ କରାଇଥିଲେ। ପରେ ମାଙ୍କୁ ଆବାହନ କରି ଶୋଭାଯାତ୍ରାରେ ଆଣି କ୍ଲବ ଘରେ ପୁଜାର୍ଚ୍ଚନା କରିଥିଲେ। ସଂଧ୍ୟା ପର୍ଯ୍ୟନ୍ତ ମଙ୍ଗଳ ଆରତୀ ସହିତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ବାଜା ଓ ବାଣ ସହିତ ରୋଷଣି କରି ଘରକୁ ଘର ବୁଲି ଠାକୁରାଣୀ ଭୋଗ ଖାଇ ବିଦାୟ ନେଇଥିଲେ । ତେଲୁଗୁ ସମ୍ପ୍ରଦାୟର ଶତାଧିକ ଶ୍ରଦ୍ଧାଳୁ ଓ ଭକ୍ତ ଏଥିରେ ସାମିଲ ହୋଇଥିଲେ।

ଚୌଦ୍ୱାରରେ ବିଷୁବ କବିତା ଆସର

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଷୁବ କବିତା ଆସର ଅନୁଷ୍ଠିତ ହୋଇ ଯାଇଛି । ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରହିତ୍ୟରେ ଓଟିଏମ କଲୋନୀ ବନମାଳୀ ଷ୍ଟୋର ସ୍ଥିତ ସଂସଦ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ କବି ପବିତ୍ର ମୋହନ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଆ କବିତାର ଧାରା ଓ ଧରା ସଂପର୍କରେ ଆଲୋଚନା କରି ସାହିତ୍ୟ ଓ ଜୀବନ ପରସ୍ପର ପରିପୂରକ ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜିତ କବିତାପାଠ ଉତ୍ସବରେ ୩୦ରୁ ଉର୍ଦ୍ଧ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ହରଷ ବିହାରୀ ଦାସ ଓ ଡ.ସଫଳା ଦାସ କବିତା ସଂଯୋଜନା କରିଥିଲେ। ସଂସଦର ସଂପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଗଠନ ସଂପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଭାସ୍କର ମହାପାତ୍ର, ପବିତ୍ର ମୋହନ ସାହୁ, ଭୀମସେନ ବିଶ୍ୱାଳ, ଅନୀତା ସାହୁ, ଶୁଭ୍ରାଂଶୁ ଭୂଷଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଯୁଗ୍ମ ସଂପାଦିକା ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ନବଜୀବନ ଫାଉଣ୍ଡେସନର ରାଜ୍ୟସ୍ତରୀୟ ୮ମ ବାର୍ଷିକ ସମାରୋହ

ଧାମନଗର (ପି ପି ଏସ) ଅନ୍ତର୍ଦେଶୀୟ କ୍ଷେତ୍ରରେ ପ୍ରାନ୍ତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ ଏବଂ ଯେକୌଣସି ବିପର୍ଯ୍ୟୟ କ୍ଷେତ୍ରରେ ମାନବ, ପଶୁ ଓ ଉଦ୍ଭିଦ ଜଗତର ସେବାକୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମାନସିକତା ରଖି ଗଢ଼ି ଉଠିଥିବା ସାମାଜିକ ସଂଗଠନ ନବଜୀବନ ଫାଉଣ୍ଡେସନର ରାଜ୍ୟ ସ୍ତରୀୟ ଅଷ୍ଟମ ବାର୍ଷିକ ସମାରୋହ ପ୍ରତିକୂଳ ପାଗ ସତ୍ତ୍ୱେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଅନ୍ତର୍ଗତ ଖଡ଼ିପଦା କାବେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବୁଧବାର ପୂର୍ବାହ୍ନରେ ପ୍ରେସ କ୍ଲବର ସଭାପତି ସାମ୍ବାଦିକ ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବାସୁଦେବପୁର ବିଧାୟକ ତଥା କଂଗ୍ରେସର ବିରୋଧି ଦଳ ଉପନେତା ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ଆଧାତ୍ମିକ ପତ୍ରିକା ଅମୃତ ଦର୍ଶନର ପ୍ରତିଷ୍ଠାତା ସମ୍ପାଦକ, ଦୂରଦର୍ଶନର ରଥଯାତ୍ରା ଉଦଘୋଷକ ତଥା ବିଶିଷ୍ଟ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ରୂପେ ଯୋଗଦେଇ ଆଲୋଚ୍ୟ ବିଷୟ 'ଭାରତୀୟ ସଂସ୍କୃତିକୁ ଓଡ଼ିଆ ସଂସ୍କୃତିର ଅବଦାନ' ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବରିଷ୍ଠ କୃଷକ ନେତା ଶେଷଦେବ ନନ୍ଦ, ପ୍ରାକ୍ତନ ଜିଲ୍ଲା କଂଗ୍ରେସ ସଭାପତି ବରିଷ୍ଠ ନେତା ନାରାୟଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଜସ୍ୱୀ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ ପରେ କୁନି କୁନି ପିଲା ମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଫାଉଣ୍ଡେସନର ରାଜ୍ୟ ତଥା ଉତ୍ତର ପୂର୍ବ ଭାରତ ମୁଖ୍ୟ ମାନସ ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ବିବେକାନନ୍ଦ ସାମଲ ସଂଗଠନ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସମାଜରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପ ଏବଂ ଔଷଧୀୟ ଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା।ଶେଷରେ କାର୍ଯ୍ୟକ୍ରମର ସଂଯୋଜକ ଅରୂପ ରଞ୍ଜନ ନନ୍ଦ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏକାଗ୍ରତା, ଦୃଢ଼ ସଂକଳ୍ପ ହିଁ ସଫଳତାର ଚାବିକାଠି

ଅସ୍ତରଙ୍ଗ : ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ତାଙ୍କରି ଶିକ୍ଷା, ଦୀକ୍ଷା, ସଂସ୍କାର, ଜ୍ଞାନ, ଗାରିମା, ଦକ୍ଷତା ସର୍ବୋପରି ବଳିଷ୍ଠ ବ୍ୟକ୍ତିତ୍ୱ ଆଧାରରେ ରାଷ୍ଟ୍ର ନିର୍ମାଣରେ ସ୍ୱପ୍ନସାକାର ହେବ। ଏଥିପାଇଁ ଚିତ୍ର ନୁହେଁ ଚରିତ୍ର ନିର୍ମାଣରେ ଆବଶ୍ୟକତା ରହିଛି। ଉତ୍ତର ପିଢ଼ିଙ୍କୁ ମୂଲ୍ୟବୋଧ ଭିତ୍ତିକ ନୈତିକ ଶିକ୍ଷା ଦେଇ ଗଢି ତୋଳିବା କେବଳ ଶିକ୍ଷକ ବା ଅଭିଭାବକଙ୍କର ଦାୟିତ୍ୱ ନୁହେଁ, ବରଂ ସମାଜର ନୈତିକ କର୍ତ୍ତବ୍ୟ ବୋଲି ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ୮୧ତମ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ମିଶ୍ର ମତବ୍ୟକ୍ତ କରିଛନ୍ତି। ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ସ୍ୱାଇଁ ଙ୍କ ପୌରୋହିତ ରେ ଆୟୋଜିତ କାର୍ଯ୍ୟକ୍ରମ ଆଦ୍ୟ ଅଧିବେଶନ ପୂର୍ବାହ୍ନରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଯୁକ୍ତ ସ୍ୱପ୍ନେଶ୍ୱର ସାହୁ, କାକଟପୁର ସରପଞ୍ଚ ଅଭୟ ସେଠୀ, କାକଟପୁର ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ସମାଜସେବୀ ଜ୍ଞାନ ରଞ୍ଜନ ସାହୁ, ରତିକାନ୍ତ ବେହେରା ଉପସ୍ଥିତ ଥିବା ବେଳେ ୮୧ବର୍ଷ ଉତ୍ସବ ଅବସରରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ମଙ୍ଗଳା ଙ୍କ ନିକଟରେ ୮୧ଟି ଦୀପ ଦାନ ବିଦ୍ୟାଳୟ ଛାତ୍ର ଛାତ୍ରୀ କରିଥିଲେ। ଅପରାହ୍ନ ସମୟରେ ପ୍ରଧାନଶିକ୍ଷକ ଙ୍କ ସଭାପତିତ୍ୱ ରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିବା ଶହ ବିଦ୍ୟାଳୟ ତରଫରୁ ଅତିଥି ଙ୍କୁ ବୃକ୍ଷ

ପ୍ରଦାନ ସହ ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ର, ଛାତ୍ରୀ ଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ଼ କରାଯିବା ଉଚିତ ବୋଲି କହିଥିଲେ।

ବୁଧବାର ଅପରାହ୍ନ ରେ ପୁରୀ ଜିଲ୍ଲା କାକଟପୁର ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ମୁଖ୍ୟ ଅତିଥି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଡ଼ଃ ବିଶ୍ୱଜିତି ଘୋଷ,ସଂମ୍ମାନିତ ଅତିଥି ଅନୁଗୁଳ ଜିଲ୍ଲାଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ନିରଂଜନ ସାହୁ, ଚିରସନ୍ଧାନ ସମ୍ପାଦକ ଶ୍ରୀଯୁକ୍ତ ପାର୍ଥସାରଥୀ ଅଜୟ ବାରିକି, ବିଶିଷ୍ଟ କଣ୍ଠଶିଳ୍ପୀ ସୁଶ୍ରୀ ଶୈଳଭାମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଡ଼ଃ ବିଶ୍ୱଜିତି ଘୋଷ କହିଥିଲେ ଯେଉଁ ଛାତ୍ର ନିଜ ଭିତରେ ଏକାଗ୍ରତା, ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପ ରଖି ଛାତ୍ର ଜୀବନରୁ ନିଜର ଲକ୍ଷ୍ୟ ପଥରେ ଅଗ୍ରସର ହୁଏ, ଦିନେ ନାଁ ଦିନେ ସିଏ ସଫଳତାର ଶୀର୍ଷରେ ପହଞ୍ଚେ ବୋଲି ମତଦେଇଥିଲେ।ସଂମ୍ମାନିତ ଅତିଥି ଅନୁଗୁଳ ଜିଲ୍ଲାଶିକ୍ଷାଅଧିକାରୀ ନିରଂଜନ ସାହୁ ବକ୍ତବ୍ୟରେ କହିଥିଲେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରିବା ସହିତ ବିଦ୍ୟାଳୟକୁ ଆଗକୁ ନେଇଥାଏ ବୋଲି କହିଥିଲେ। ଏହା ସହିତ ଶିଶୁ ଟି ମଣିଷ ପରି ମଣିଷ ଟିଏ ହେବା ପାଇଁ ତାର ପ୍ରଥମ ଗୁରୁ ନିଜ ମାଆ ପାଖରୁ ସଂସ୍କାର ଶିଖିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଚିରସନ୍ଧାନ ସମ୍ପାଦକ ଶ୍ରୀଯୁକ୍ତ ପାର୍ଥସାରଥୀ ଅଜୟ ବାରିକ ବକ୍ତବ୍ୟରେ କହିଥିଲେ ଛାତ୍ର, ଛାତ୍ରୀ ମୋବାଇଲି ବ୍ୟବହାର କୁ ପରିଣାମ ସମ୍ପର୍କରେ ଅଭିଭାବକ ମାନଙ୍କୁ ସଚେତନ କରାଇବା ସହିତ ବିଦ୍ୟାଳୟର ପରିଚାଳନା କମିଟି, ଅଭିଭାବକ ଓ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ସହଯୋଗ ପାଇଁ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ।ବିଦ୍ୟାଳୟ ସହଶିକ୍ଷକ ପ୍ରତାପ କୁମାର ରାଉତ ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପୀତବାସ ଦୀକ୍ଷିତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟଛାତ୍ର ଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ର ଏ ୱାନ ଛାତ୍ର ଛାତ୍ରୀ ଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା।ଏହା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର, ଛାତ୍ରୀ ମାନଙ୍କୁ ଅତିଥି ଗଣ ପୁରସ୍କୃତ ପ୍ରଦାନ କରିଥିଲେ। ବିଦ୍ୟାଳୟ ବାର୍ଷିକ ଉତ୍ସବ ରେ ବୁଧବାର ସନ୍ଧ୍ୟା ରେ ସ୍ୱାଗତ ସଙ୍ଗୀତ ସହ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ସହ ଶିକ୍ଷକ ଏମ୍ ଡି ସମରଉଦିନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷା ରୀନା ରାଣୀ ସ୍ୱାଇଁ, ଉପଅଧକ୍ଷ ସୁରେନ୍ଦ୍ର ନାଥ ମାଣିକ, କମିଟି ସଦସ୍ୟ ମାନସ କୁମାର ଦୀକ୍ଷିତି ଙ୍କ ସହ ସମସ୍ତ ଛାତ୍ର, ଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ, ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ଓ ପରିଚାଳନା କମିଟିର ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

MCL | ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5249